# NATIONAL NEWS BULLETIN (ODIA)

## 24 April - 2025

### Morning Bulletin : 7.15 a.m.

******************************************

## ମୁଖ୍ୟ ସମ୍ବାଦ

- ବିହାରରେ ଆଜି ୧୩ ହଜାର ୪ଶହ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଅନେକ ଗୁଡ଼ିଏ କଠୋର ପଦକ୍ଷେପ ଗ୍ରହଣ କରିଛି ଭାରତ ।
- ବିଶ୍ୱ ଆର୍ଥିକ ବଜାରରେ ଦେଖାଦେଇଥିବା ମାନ୍ଦାବସ୍ଥା ଏବଂ ଅସ୍ଥିରତା ସତ୍ତ୍ୱେ ଭାରତର ଅର୍ଥନୀତି ଉତ୍ତମ ସ୍ଥିତିରେ ରହିଛି, କହିଛନ୍ତି ଆର୍‌ବିଆଇ ଗଭର୍ଣ୍ଣର
- ଆସନ୍ତାକାଲିଠାରୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନଡୋର ଷ୍ଟାଡିୟମରେ ଆରମ୍ଭ ହେବ ଦ୍ୱିତୀୟ ଏସୀୟ ଯୋଗାସନ ପ୍ରତିଯୋଗିତା

ଏବଂ

- ଆଇପିଏଲ୍‌ର ଗତକାଲିର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୭ ୱିକେଟ୍‌ରେ ପରାସ୍ତ କରିଛି ମୁମ୍ବାଇ ଇଣ୍ଡିଆନ୍ସ

## ପିଏମ୍-ବିହାର ରେଲ୍ ପ୍ରୋଜେକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାର ଗସ୍ତ କରି ମଧୁବନୀଠାରେ ଜାତୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ସାମିଲ ହେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୩ ହଜାର ୪୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ପ୍ରକଳ୍ପଗୁଡ଼ିକ ରେଳବାଇ ଏବଂ ଶକ୍ତିକ୍ଷେତ୍ର ସହ ଜଡ଼ିତ ।

ଆମ ସମ୍ବାଦଦାତା ଜଣାଇଛନ୍ତି, ବିହାର ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ୪ଟି ଟ୍ରେନ୍, ୩ଟି ରେଳ ଲାଇନ୍ ଏବଂ ୨ଟି ରେଳ ଓଭରବ୍ରିଜ୍‌ର ମଧୁବନୀଠାରେ ଭିଡ଼ିଓ କନ୍‌ଫରେନ୍‌ସିଂ ଜରିଆରେ ଉଦ୍‌ଘାଟନ କରିବେ ।

ପ୍ରଧାନମନ୍ତ୍ରୀ ଜୟନଗରରୁ ପାଟନା ମଧ୍ୟରେ ନମୋ ଭାରତ ଦ୍ରୁତ ରେଳ ଏବଂ ମୁମ୍ବାଇର ସହର୍ଷାରୁ ଲୋକମାନ୍ୟ ତିଳକ ଟର୍ମିନେସନ୍ ମଧ୍ୟରେ ଅମୃତଭାରତ ଏକ୍ସପ୍ରେସ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏହା ଦେଶର ଦ୍ୱିତୀୟ ନମୋ ଭାରତ ଟ୍ରେନ୍ ହୋଇଥିବା ବେଳେ ଅମୃତ ଭାରତ ପ୍ରଚଳନର ତୃତୀୟ ଟ୍ରେନ୍ ହେବ ବୋଲି ରେଳ ମନ୍ତ୍ରଣାଳୟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ କୁମାର କହିଛନ୍ତି । ଏହି ଟ୍ରେନ୍‌ରେ ସଂପୂର୍ଣ୍ଣ ଭାବେ ବାତାନୁକୂଳୀତ ବ୍ୟବସ୍ଥା ସହ ଉନ୍ନତ ଯାତ୍ରୀ ସୁବିଧା ଓ ସୁରକ୍ଷା ବ୍ୟବସ୍ଥା ରହିଛି ।

**V/O (Dillip Kumar)**

ଏହି କାର୍ଯ୍ୟକ୍ରମରେ ସୁପୌଲୋରୁ ପିପରା, ହସନପୁରରୁ ବିଧାନ ଓ ଖଗରିଆ ଆଲୋଲି ମଧ୍ୟରେ ନୂଆ ରେଳଲାଇନ୍‌କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ।

## ଏମ୍‌ଇଏ-ସିସିଏସ୍

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସିନ୍ଧୁ ଜଳଚୁକ୍ତି ୧୯୬୦କୁ ସ୍ଥଗିତ ରଖିବା ଏବଂ ଅଟାରୀଠାରେ ଥିବା ସମନ୍ୱିତ ଚେକ୍‌ପୋଷ୍ଟ୍‌କୁ ତୁରନ୍ତ ବନ୍ଦ କରିବା ସମେତ ଭାରତ ଅନେକ ଗୁଡ଼ିଏ କଠୋର ପଦକ୍ଷେପ ଗ୍ରହଣ କରିଛି ।

ଗତ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାସଭବନରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ ସାମଗ୍ରିକ ସୁରକ୍ଷା ସ୍ଥିତିର ସମୀକ୍ଷା କରାଯାଇଥିଲା । ପରେ ସମସ୍ତ ବାହିନୀକୁ ଅଧିକ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ନୂଆଦିଲ୍ଲୀରେ କ୍ୟାବିନେଟ୍ କମିଟି ବୈଠକ ସଂପର୍କରେ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି ସାର୍କ ଭିସା ମୁକ୍ତ ଯୋଜନା ଅଧୀନରେ ପାକିସ୍ତାନ ନାଗରିକମାନଙ୍କୁ ଭାରତ ଯାତ୍ରା କରିବାକୁ ଅନୁମତି ଦିଆଯିବ ନାହିଁ । ସେ କହିଛନ୍ତି ପାକିସ୍ତାନୀ ନାଗରିକମାନଙ୍କୁ ପୂର୍ବରୁ ଜାରି କରାଯାଇଥିବା ସମସ୍ତ ସାର୍କ ଭିସା ବାତିଲ ବୋଲି ବିବେଚନା କରାଯିବ । ସେ କହିଛନ୍ତି ଏହି ଭିସା ଜରିଆରେ ଭାରତରେ ରହୁଥିବା

ପାକିସ୍ତାନ ନାଗରିକମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଭାରତ ଛାଡ଼ିବାକୁ ପଡ଼ିବ ।

ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ଉଚ୍ଚାୟୁକ୍ତରେ କାର୍ଯ୍ୟରତ ପ୍ରତିରକ୍ଷା, ସାମରିକ, ନୌସେନା ଏବଂ ବାୟୁସେନା ପରାମର୍ଶଦାତାଙ୍କୁ ପର୍ସୋନା ନନ୍‌ଗ୍ରାଟା ଘୋଷଣା କରାଯାଇଛି । ସେମାନଙ୍କୁ ଏକସପ୍ତାହ ମଧ୍ୟରେ ଭାରତ ଛାଡ଼ିବାକୁ ପଡ଼ିବ ।

ଅନ୍ୟପକ୍ଷରେ ଇସ୍‌ଲାମାବାଦରେ ଥିବା ଭାରତୀୟ ଉଚ୍ଚାୟୁକ୍ତରୁ ସମସ୍ତ ପରାମର୍ଶଦାତାଙ୍କୁ ପ୍ରତ୍ୟାହାର କରାଯିବା ସହ ଏହି ପଦବୀ ଗୁଡ଼ିକ ରଦ୍ଦ କରାଯାଇଥିବା ଶ୍ରୀ ମିଶ୍ରି କହିଛନ୍ତି । ଉଭୟ ଉଚ୍ଚାୟୁକ୍ତରୁ ୫ଜଣ ସହଯୋଗୀ କର୍ମଚାରୀଙ୍କୁ ମଧ୍ୟ ପ୍ରତ୍ୟାହାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ବୈଦେଶିକ ସଚିବ ଶ୍ରୀ ମିଶ୍ରି କହିଛନ୍ତି, ଉଚ୍ଚାୟୁକ୍ତରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କ ସଂଖ୍ୟା ଆସନ୍ତାମାସ ପହିଲାରୁ ୫୫ରୁ ୩୦କୁ ହ୍ରାସ କରାଯିବ । ଗତକାଲିର ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା । ଏଥିରେ ସୀମାପାର ଆତଙ୍କବାଦୀ କାର୍ଯ୍ୟକଳାପ ସଂପର୍କରେ ଆଲୋଚନା କରାଯାଇଥିଲା । ଜାମ୍ମୁ କାଶ୍ମୀରରେ ସଫଳ ଭାବେ ନିର୍ବାଚନ ଆୟୋଜନ ଏବଂ ଅର୍ଥନୈତିକ ବିକାଶ ଓ ଅଭିବୃଦ୍ଧି ଯୋଗୁଁ ଏହି ଆକ୍ରମଣ ହୋଇଥିବା ସୂଚନା ମିଳିଛି । କ୍ୟାବିନେଟ୍

କମିଟି ଏହି ଆକ୍ରମଣକୁ ଦୃଢ଼ ଭାବେ ନିନ୍ଦା କରିଥିବା ବେଳେ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।

ଏହି ଆତଙ୍କବାଦୀ ଆକ୍ରମଣକୁ ବିଶ୍ୱର ଅନେକ ଦେଶ ଓ ନେତୃବୃନ୍ଦ ନିନ୍ଦା କରିବା ସହ ଭାରତକୁ ଦୃଢ଼ ସମର୍ଥନ କରିଛନ୍ତି । ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ପ୍ରଦର୍ଶନ କରୁଥିବା ଦେଶଗୁଡ଼ିକର ଭାବନାକୁ କ୍ୟାବିନେଟ୍ କମିଟି ପ୍ରଶଂସା କରିଛି ।

# ପହଲ୍‌ଗାମ୍-ଅଲ୍ ପାର୍ଟି ମିଟିଂ

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସରକାର ଆଜି ନୂଆଦିଲ୍ଲୀରେ ସର୍ବଦଳୀୟ ବୈଠକ ଡାକିଛନ୍ତି । ସନ୍ଧ୍ୟା ୬ଟରେ ସଂସଦ ଭବନ ପରିସରରେ ଏହି ବୈଠକ ବସିବ ବୋଲି ସୂଚନା ମିଳିଛି ।

# ୟୁଏନ୍-ପହଲଗାମ

ଜାମ୍ମୁ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟଣାକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ତୀବ୍ର ନିନ୍ଦା କରିଛନ୍ତି । କୌଣସି ପରିସ୍ଥିତିରେ ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି । ଜାତିସଂଘ ମହାସଚିବଙ୍କ ମୁଖପାତ୍ର ଷ୍ଟିଫେନ୍ ଦୁଜାରିକ୍ କହିଛନ୍ତି, ଶ୍ରୀ ଗୁଟେରସ୍ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

# ପହଲଗାମ-ଟୁରିଜିମ୍

ଜାମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ପର୍ଯ୍ୟଟନ ମନ୍ତ୍ରଣାଳୟ ସମସ୍ତ ପର୍ଯ୍ୟଟନ ସେବା ପ୍ରଦାନକାରୀଙ୍କୁ ପର୍ଯ୍ୟଟକମାନଙ୍କୁ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଛି । ମନ୍ତ୍ରଣାଳୟ ସମସ୍ତ ଟ୍ରାଭେଲ୍ ଏଜେଣ୍ଟ, ଟୁର୍ ଅପରେଟର, ଅନ୍‌ଲାଇନ୍ ଟ୍ରାଭେଲ୍ ଏଗ୍ରିଗେଟର, ପର୍ଯ୍ୟଟନ ପରିବହନ ସଂସ୍ଥା, ହୋଟେଲ ବ୍ୟବସାୟୀ ଏବଂ ଅନ୍ୟ ସମସ୍ତ ଆବାସ ୟୁନିଟ୍‌କୁ ବାତିଲ ଦେୟ ଛାଡ଼ କରିବାକୁ ପରାମର୍ଶ ଦେଇଛି ।

## ବିସିସିଆଇ ପହଲଗାମ୍

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଗତକାଲି ହାଇଦ୍ରାବାଦରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍‌ରେ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି । ଆନୁଷ୍ଠାନିକ ଭାବେ ଖେଳ ଆରମ୍ଭ ହେବା ପୂର୍ବରୁ ୬୦ ସେକେଣ୍ଡ୍‌ର ନିରବତା ପାଳନ କରାଯାଇଥିଲା । ଉଭୟ ଦର୍ଶକ ଏବଂ ଖେଳାଳିମାନେ ଶ୍ରଦ୍ଧାଞ୍ଜଳିରେ ଅଂଶଗ୍ରହଣ କରିଥିଲେ । ଟସ୍ ପଡ଼ିବା ସମୟରେ ଉଭୟ ଦଳର ଅଧିନାୟକ ସମବେଦନା ଜଣାଇବା ସହ ଏହି ଆତଙ୍କବାଦୀ କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରିଥିଲେ । ସଂପୂର୍ଣ୍ଣ ମ୍ୟାଚ୍‌ରେ ଖେଳାଳି, ଭାଷ୍ୟକାର, ସହଯୋଗୀ କର୍ମକର୍ତ୍ତାମାନେ କଳା ବ୍ୟାଚ୍ ପିନ୍ଧି ମୃତକଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ । ଖେଳର ସିଧାପ୍ରସାରଣରେ ଭାଷ୍ୟକାର ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିମାନେ ମଧ୍ୟ ଏହି ଘଟଣାକୁ ଅତ୍ୟନ୍ତ ଦୁଃଖଦ ବୋଲି କହିଥିଲେ ।

ବିସିସିଆଇ ପକ୍ଷରୁ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନିନ୍ଦା କରିବା ପରିପ୍ରେକ୍ଷୀରେ ଖେଳ ସମୟରେ କୌଣସି ପ୍ରକାର ଆତସବାଜି କାର୍ଯ୍ୟକ୍ରମ, ସଂଗୀତ ଏବଂ ଡିଜେ କାର୍ଯ୍ୟକଳାପ ଅନୁଷ୍ଠିତ ହୋଇନଥିଲା । ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି, ଏହି ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କୁ କ୍ରିକେଟ୍ ଜଗତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

## ଆର୍‌ବିଆଇ ଗଭର୍ଣ୍ଣର

ରିଜର୍ଭବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି, ବିଶ୍ୱ ଆର୍ଥିକ ବଜାରରେ ଦେଖାଦେଇଥିବା ମାନ୍ଦାବସ୍ଥା ଏବଂ ଅସ୍ଥିରତା ସତ୍ତ୍ୱେ ଭାରତର ଅର୍ଥନୀତି ଉତ୍ତମ ସ୍ଥିତିରେ ରହିଛି । ସେ କହିଛନ୍ତି ଭାରତୀୟ ଅର୍ଥନୀତି ଘରୋଇ ଚାହିଦା ଦ୍ୱାରା ପରିଚାଳିତ ହେଉଥିବାରୁ ଦେଶର ଅର୍ଥନୀତି ସଠିକ୍ ଭାବେ ପରିଚାଳିତ ହେଉଛି ।

ଚଳିତମାସ ପ୍ରାରମ୍ଭରେ ଅନୁଷ୍ଠିତ ମୁଦ୍ରାନୀତି କମିଟି ବୈଠକର ବିବରଣୀ ଅନୁଯାୟୀ ଶ୍ରୀ ମାଲହୋତ୍ରା କହିଛନ୍ତି, ଅଶୋଧିତ ତୈଳ ଏବଂ ଅନ୍ୟାନ୍ୟ ଦ୍ରବ୍ୟର ମୂଲ୍ୟରେ ସମ୍ଭାବ୍ୟ ହ୍ରାସ ଓ ଶୁଳ୍କ ଲାଭରୁ ଭାରତୀୟ ଅର୍ଥନୀତିରେ ସକାରାତ୍ମକ ପରିବର୍ତ୍ତନର ସମ୍ଭାବନା ଦେଖାଦେଇଛି । ୨୦ ବେସିସ୍ ପଏଣ୍ଟ ହ୍ରାସ ଘୋଷଣା କରି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର କହିଛନ୍ତି ୬ ଦଶମିକ ୫ ପ୍ରତିଶତ ଅଭିବୃଦ୍ଧି ସତ୍ତ୍ୱେ ଭାରତ ଶୀର୍ଷରେ ରହିବ । ଶ୍ରୀ ମାଲହୋତ୍ରା କହିଛନ୍ତି ଚଳିତ ଆର୍ଥିକବର୍ଷରେ ୪ ପ୍ରତିଶତ ମୁଦ୍ରାସ୍ଫୀତି ଲକ୍ଷ୍ୟ ହାସଲ କରାଯିବ ।

କ୍ରମାଗତ ଦ୍ୱିତୀୟ ଥର ପାଇଁ ପଲିସି ରେଟ୍ ହ୍ରାସ କରି ରିଜର୍ଭ ବ୍ୟାଙ୍କ ରେପୋରେଟ୍ ରେ ୨୫ ବେସିସ୍ ପଏଣ୍ଟ ହ୍ରାସ ଘୋଷଣା କରିଥିଲା । ୨୦୨୫-୨୬ ପାଇଁ ମୁଦ୍ରାସ୍ଫୀତି ୪ ପ୍ରତିଶତ ଏବଂ ଜିଡିପି ଅଭିବୃଦ୍ଧି ୬ ଦଶମିକ ୫ ପ୍ରତିଶତ ରହିବ ବୋଲି କମିଟି ଆକଳନ କରିଛି ।

# ଯୋଗାସନ ଚମ୍ପିୟାନ୍‌ସିପ୍

ଆସନ୍ତାକାଲିଠାରୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନଡୋର ଷ୍ଟାଡିୟମରେ ଦ୍ୱିତୀୟ ଏସୀୟ ଯୋଗାସନ ପ୍ରତିଯୋଗିତା ଆରମ୍ଭ ହେବ । ଯୋଗାସନ ଭାରତ ପକ୍ଷରୁ ଏହି ତିନିଦିନିଆ କାର୍ଯ୍ୟକ୍ରମ ଚଳିତମାସ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ୨୧ଟି ଏସୀୟ ଦେଶର ୧୭୦ରୁ ଅଧିକ କ୍ରୀଡ଼ାବିତ୍‌ଙ୍କ ସମେତ ଅନେକ ବୈଷୟିକ ଅଧିକାରୀ, ଟିମ୍ ପରିଚାଳକ ଓ ପ୍ରଶିକ୍ଷକ ଅଂଶ ଗ୍ରହଣ କରିବେ ।

ଯୋଗାସନକୁ ଏକ ପ୍ରତିଯୋଗିତାମୂଳକ ବିଶ୍ୱ କ୍ରୀଡ଼ା ଭାବେ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସର ଅଂଶବିଶେଷ ଭାବରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି । ବିଶ୍ୱ ଯୋଗାସନର ମହାସଚିବ ଡକ୍ଟର ଜୟଦୀପ ଆର୍ଯ୍ୟ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନ୍ତର୍ଜାତୀୟ ମଞ୍ଚରେ ଯୋଗ ପ୍ରତିଷ୍ଠା କରିଥିଲେ ଏବଂ ଏବେ ଏହାକୁ କ୍ରୀଡ଼ାର ମାନ୍ୟତା ମିଳିଛି ।

**V/O**

**(Dr. Jayadeep Arya)**

# ଇମୋନାଇଜେସନ୍ ୱିକ୍

ଟିକାକରଣର ଜୀବନ ରକ୍ଷାକାରୀ ଶକ୍ତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜିଠାରୁ ସାରା ବିଶ୍ୱରେ ବିଶ୍ୱ ଟିକାକରଣ ସପ୍ତାହ ୨୦୨୫ ଆରମ୍ଭ ହେଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଏହି କାର୍ଯ୍ୟକ୍ରମ ଚଳିତମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଶେଷ ସପ୍ତାହରେ ବିଶ୍ୱ ଟିକାକରଣ ସପ୍ତାହ ପାଳନ କରାଯାଏ । ଚଳିତବର୍ଷ ଏହାର ବିଷୟବସ୍ତୁ ରହିଛି **ସମସ୍ତଙ୍କ ପାଇଁ ଟିକାକରଣ ମାନବୀୟ ଭାବରେ ସମ୍ଭବ ।** ବୟସ କିମ୍ବା ସ୍ଥାନ ନିର୍ବିଶେଷରେ ସମସ୍ତେ ଯେଭଳି ଜୀବନ ରକ୍ଷାକାରୀ ଟିକା ପାଇପାରିବେ, ତାହା ସୁନିଶ୍ଚିତ କରିବା ହେଉଛି ଏହି ଟିକାକରଣ ସପ୍ତାହ ପାଳନର ଉଦ୍ଦେଶ୍ୟ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି, ଗତ ୫୦ବର୍ଷ ମଧ୍ୟରେ ଅତ୍ୟାବଶ୍ୟକ ଟିକା ନେଇ ୧୫ କୋଟି ୪୦ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରାଯାଇ ପାରିଛି ।

# ଆଇପିଏଲ୍

ଚଳିତ ଆଇପିଏଲ୍ କ୍ରିକେଟ୍ ସିରିଜ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୭ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି । ହାଇଦ୍ରାବାଦରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୧୫ ଓଭର୍ ୪ଟି ବଲ୍‌ରେ ୩ ୱିକେଟ୍ ବିନିମୟରେ ୧୪୬ ରନ୍ ସ୍କୋର କରିଥିଲା । ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ସନରାଇଜର୍ସ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୧୪୩ ରନ୍ କରିବାକୁ ସକ୍ଷମ ହୋଇଥିଲା । ମୁମ୍ବାଇ ଇଣ୍ଡିଆନ୍ସ ଦଳର ବୋଲର ଟ୍ରେଣ୍ଟ୍ ବୋଲ୍ଟ

୨୬ ରନ୍‌ରେ ୪ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ତାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଜି ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ରାଜସ୍ଥାନ ରୟାଲ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।